## ଚାଷୀ ପଞ୍ଜୀକରଣ ନେଇ ବୈଠକ

ଜମନକିରା,(ଡି.ଏନ.ଏ.): ଜମନକିରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶନିବାର ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଯୋଗାଣ ଅଧିକାରୀ ଚୈତନ୍ୟ ଆଡ଼ଭାଙ୍ଗ, ଏଆର୍‌ସିଏସ୍ ଭବାନୀକାନ୍ତ ନାୟକ, ଡିଆର୍‌ସିଏସ୍ ଅଫିସର ତଥା ମାଷ୍ଟର ଟ୍ରେନର ଉମେଶ ନାୟକ, କୁଚିଣ୍ଡା ଆର୍‌ଏମ୍‌ସି ସେକ୍ରେଟାରି ମନୋଜ ମହାନ୍ତ, ଜମନକିରା ଗୋଷ୍ଠୀ କୃଷି ଅଧିକାରୀ ଲୋଚନ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଆସନ୍ତା ଅଗଷ୍ଟ ୧୬ ମଧ୍ୟରେ ସମସ୍ତ ଚାଷୀ ନାମ ପଞ୍ଜୀକୃତ କରିବା ପାଇଁ ଲ୍ୟାମ୍ପସ୍‌ର ଏମ୍‌ଡ଼ିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଜମନକିରା ତହସିଲର ସମସ୍ତ ଆର୍‌ଆଇ ଓ ଗ୍ରାମ ସେବକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଠକେଇ ଅଭିଯୋଗରେ ବ୍ୟବସାୟୀ ଗିରଫ

ସମ୍ବଲପୁର,୩୧।୭ (ବ୍ୟୁରୋ): ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ ଠକେଇ ଅଭିଯୋଗରେ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଟାଉନ ଥାନା ଗୁଜୁରାତି କଲୋନୀର ଶ୍ୟାମ କୁମାର ଗୁରୁ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ କେସ୍ ନଂ.୨୮୩/୨୧ରେ ମାମଲା ରୁଜୁ ହୋଇଛି। ଗୋବିନ୍ଦତୋଲାର ତୁଳସୀ ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଶ୍ୟାମ ଜମି ଦେବାକୁ କହି ଅଗ୍ରିମ ଟଙ୍କା ନେଇଥିଲେ। ତାଙ୍କ ନାମରେ ମାନେଶ୍ୱର ତହସିଲ ଗୁଣ୍ଡେରପୁର ମୌଜାରେ ଥିବା ୨୧ ଡେସିମିଲ ଜାଗା ବିକ୍ରି କରିବାକୁ ଚୁକ୍ତି କରିଥିଲେ। ପର୍ଯ୍ୟାୟକ୍ରମେ ୨ ଲକ୍ଷ ୭୫ ହଜାର, ୪ ଲକ୍ଷ ୨୫ ହଜାର, ୨ ଲକ୍ଷ ୯୦ ହଜାର ଏପରି ମୋଟ ୯ ଲକ୍ଷ ୯୦ ହଜାର ଟଙ୍କା ଚେକ୍ ମାଧ୍ୟମରେ ନେଇଥିଲେ। ଜମି ରେଜିଷ୍ଟ୍ରି କରିବାକୁ ବାରମ୍ବାର କହିଥିଲେ ମଧ୍ୟ ସେ ଦିନ ଗଡାଇ ଚାଲିଥିଲେ। ନିଜସ୍ୱ ଉଦ୍ୟମରେ ପଚରାଉଚରା କରିବାରୁ ତାଙ୍କ ନାମରେ ଗୁଣ୍ଡେରପୁରରେ କୌଣସି ଜମି ନ ଥିବା ଜଣାପଡିଥିଲା।

### ଝାରସୁଗୁଡ଼ା: ୫ କେନ୍ଦ୍ରରେ ୧୫୭ ଦେଉଛନ୍ତି ପରୀକ୍ଷା

ଝାରସୁଗୁଡ଼ା ଅଫିସ,୩୧।୭: ଝାରସୁଗୁଡ଼ା ଜିଲାରେ ୫ କେନ୍ଦ୍ରରେ ସମୁଦାୟ ୧୫୭ଜଣ ପରୀକ୍ଷାର୍ଥୀ ଅଫ୍‌ଲାଇନରେ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ଏଥିମଧ୍ୟରେ ଝାରସୁଗୁଡ଼ା ସରକାରୀ ହାଇସ୍କୁଲରେ ୪୧, ଝାରସୁଗୁଡ଼ା ଟାଉନ ହାଇସ୍କୁଲରେ ୩୯, କୋଲାବିରା ବ୍ଲକ୍ ଭାଲଇତା ହାଇସ୍କୁଲରେ ୬୪, ବେଲପାହାଡ ଜିଏଲ୍ ହାଇସ୍କୁଲରେ ୭ଜଣ ଓ ବେଲପାହାଡ଼ ଆଦର୍ଶ ବାଳିକା ହାଇସ୍କୁଲରେ ୬ଜଣ ପରୀକ୍ଷା ଦେଉଛନ୍ତି।

### ହାତୀ ଉପଦ୍ରବ: ବ୍ୟାପକ କ୍ଷୟକ୍ଷତି

ଦେବଗଡ଼,୩୧।୭(ଡି.ଏନ୍.ଏ.): ଦେବଗଡ଼ ବନଖଣ୍ଡ ସୁଗୁଡା ସେକ୍ସନ ଅନ୍ତର୍ଗତ ଭାଲିଅଗୁଡି ଗ୍ରାମରେ ଶୁକ୍ରବାର ରାତିରେ ଦନ୍ତାହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଜଣାପଡିଛି। ଜଙ୍ଗଲ ମଧ୍ୟରୁ ଏକ ଦନ୍ତାହାତୀ ଆସି ଭାଲିଅଗୁଡି ଗ୍ରାମରେ ପଶିବାସହ ଉକ୍ତ ଗ୍ରାମର କେଦାର ସ୍ୱାଇଁଙ୍କ ଘର ଖପର ଛାଉଣୀ ଭାଙ୍ଗିଦେଇଥିଲା। ଏହାପରେ ଉକ୍ତ ହାତୀ ସେହି ଗ୍ରାମର ଲକ୍ଷ୍ମଣ ଧଳଙ୍କ ବାଡିରେ ପଶି ଆମ୍ବ ଗଛର ଡାଳ ଭାଙ୍ଗି ଆମ୍ବ ଖାଇବାସହ ବାଡିରେ ଥିବା ବୋରୱେଲ ଏବଂ ଗୋବର ଗ୍ୟାସ ପାଇପଲାଇନ ଭାଙ୍ଗି ନଷ୍ଟ କରିଥିବା ଜଣାପଡିଛି। ଏ ନେଇ ସେମାନେ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାରୁ ଦେବଗଡ ଫରେଷ୍ଟର ପ୍ରଶନ୍ନ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟ ଗାର୍ଡ ଭୋଳେଶ୍ୱର ସାହୁ ସେଠାରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଫେରିଥିବା ଜଣାପଡିଛି।

### ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ

ରାଜଗାଙ୍ଗପୁର,୩୧।୭ (ଡି.ଏନ.ଏ): ଶନିବାର ୧୨ଟାରେ ରାଜଗାଙ୍ଗପୁର ରେଳ ବିଭାଗ ପୋଲିସ ସୋନାଖାନ ଷ୍ଟେଶନରୁ ପ୍ରାୟ ୩କିମି ଦୂରରେ ରେଳ ଧାରଣା ନିକଟରେ ପଡି ରହିଥିବା ୩୫ ବର୍ଷିୟ ଯୁବକଙ୍କ ମୃତଦେହ ଉଦ୍ଧାର କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ବ୍ୟବଚ୍ଛେଦ କରାଇଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ।

# ସରକାରୀ ଜମିରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ସମ୍ବଲପୁର,୩୧।୭(ବ୍ୟୁରୋ)


ସମଲେଇ ଯୋଜନାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି ।

**ସମଲେଇ ଯୋଜନାର ଶୁଭାରମ୍ଭ**

ସମ୍ବଲପୁର ସମଲେଇ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ସମଲେଇ ଯୋଜନା କାର୍ଯ୍ୟ ଶନିବାର ଆରମ୍ଭ ହୋଇଛି। ପ୍ରଶାସନିକ ଅଧିକାରୀ ପୂଜାର୍ଚ୍ଚନା କରିବା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ସରକାରୀ ଜମିରେ ଥିବା ଅଫିସ ଭଙ୍ଗାଯାଇଥିଲା। ଏସ୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି, ତହସିଲଦାର ଲକ୍ଷ୍ମଣ ଅମାତ, ଭୂ ଅର୍ଜନ ଅଧିକାରୀ ଆଦିତ୍ୟ ପଣ୍ଡା, ସହକାରୀ ଜିଲାପାଳ ସୁଶାନ୍ତ ସାହୁ, ଡେପୁଟି ନିର୍ଦ୍ଦେଶକ ମତ୍ସ୍ୟ ବିଭାଗର ବିରଜା ଦ୍ୱିବେଦୀ ଉପସ୍ଥିତ ଥିଲେ। ମତ୍ସ୍ୟ ବିଭାଗ, କୃଷି ବିଭାଗ, ଉଠା ଜଳସେଚନ ବିଭାଗ, ବିହନ ନିଗମ, ପିଏଚ୍‌ଡି ଅଫିସ ଓ କ୍ୱାର୍ଟର୍ସ ରହିଛି। ଏହାକୁ ଭଙ୍ଗାଯିବାକୁ ପ୍ରାୟ ୧୫ଦିନ ଲାଗିପାରେ ବୋଲି ସୂଚନା ମିଳିଛି। ପ୍ରଥମ ଦିନରେ ମତ୍ସ୍ୟ ବିଭାଗର ୪ କ୍ୱାର୍ଟର୍ସ ଭଙ୍ଗାଯାଇଛି। ପରେ ବିସ୍ଥାପିତଙ୍କ ସହ ଆଲୋଚନା କରି କ୍ଷତିପୂରଣ ଦେବା ପରେ ଘର ଭଙ୍ଗାଯିବ ବୋଲି ଏସ୍‌ଏମ୍‌ସି ପକ୍ଷରୁ କୁହାଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ରାଜ୍ୟ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ଅସିତ ତ୍ରିପାଠୀ ବୁଧବାର ସମ୍ବଲପୁର ଗସ୍ତ କରି ସମଲେଇ ଯୋଜନାର ସମୀକ୍ଷା କରି କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ପ୍ରଶାସନ ସ୍ତରରେ ତତ୍ପରତା ଦେଖାଦେଇଛି । ଶୁକ୍ରବାର ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଡେପୁଟି କଲେକ୍ଟର ବିନୋଦ ଦାଶ, ସହାୟକ ଜିଲାପାଳ ସୁଶାନ୍ତ ସାହୁ ପ୍ରମୁଖ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ସମଲେଇ ଯୋଜନା ପାଇଁ ୨୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ପ୍ରାୟ ୨ ଶହ ପରିବାର ବିସ୍ଥାପିତ ହେବାକୁ ଥିବାବେଳେ ପ୍ରାୟ ୩୯ ଏକର ଜମି ଅଧିଗ୍ରହଣ କରାଯିବ।

# ମନ୍ତ୍ରୀଙ୍କ ପିଏ କହି ହୋଟେଲ ମାଲିକଙ୍କୁ ଠକିଲେ

ସମ୍ବଲପୁର,୩୧।୭ (ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପାଞ୍ଚଗୁଛିଆ ନିକଟରେ ଥିବା କେଡିଆ ରାଷ୍ଟୁରାଣ୍ଟ ଓ ଢ଼ାବା ମାଲିକ ସନ୍ଦିପ କେଡିଆ ଠକେଇର ଶିକାର ହୋଇଛନ୍ତି। ଜଣେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ବୋଲି ପରିଚୟ ଦେଇ ପ୍ରଥମେ ଖାଇବା ଅର୍ଡର କରିଥିଲେ। ପରେ ପୂଜା କରାଇଦେବା ନାମରେ ୨୫ ହଜାର ଟଙ୍କା ଠକି ନେଇଥିଲେ। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବୌଦ୍ଧ ଜିଲା ପଣ୍ଡକିମାଲର ସୁଧାଂଶୁ ନାଏକ, ଦେବଗଡାର ପ୍ରତାପ ବେହେରା ଓ ରାଣୀକଟାର ସୌମ୍ୟରଞ୍ଜନ ପ୍ରଧାନ। ଅଭିଯୁକ୍ତଙ୍କ ନିକଟରୁ ୧୮ ହଜାର ନଗଦ ଟଙ୍କା, ୩ଟି ମୋବାଇଲ ଫୋନ ଜବତ ହୋଇଛି। ଏ ନେଇ କ୍ଷେତରାଜପୁର ଥାନାରେ ପୋଲିସ ୩୬୫/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗକ୍ରମେ ଜୁଲାଇ ୨୪ ତାରିଖ ଅପରାହ୍ନରେ କେଡିଆ ରାଷ୍ଟୁରାଣ୍ଟକୁ ଏକ ଫୋନ କଲ ଆସିଥିଲା। ସେଥିରେ ସୁଧାଂଶୁ ନାଏକ ନିଜକୁ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କ ପିଏ ବୋଲି ପରିଚୟ ଦେଇଥିଲେ। କର୍ମୀଙ୍କ ପାଇଁ ହୋଟେଲରେ ଖାଇବା ବ୍ୟବସ୍ଥା କରିବାକୁ କହିଥିଲେ। କୋଭିଡ୍ କଟକଣା ଥିବାରୁ ହୋଟେଲ ମାଲିକ ମନା କରିଦେଇଥିଲେ। ସେମାନେ ପୁଣି ପରଦିନ ଫୋନ କରିଥିଲେ। ଜଣେ ଦେବୀ ସାଧକ ଅଛନ୍ତି। ତମ ପାଇଁ ପୂଜା ଓ ତାବିଜ୍ ତିଆରି କରିଦେବେ। ସେଥିପାଇଁ ୫୦ ହଜାର ଟଙ୍କା ଲାଗିବ ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀ ମଧ୍ୟ ଏଠାରେ ନିୟମିତ ପୂଜା କରନ୍ତି ବୋଲି ଭରସା ଦେଇଥିଲେ। ଏଥିରେ ବିଶ୍ୱାସ କରି ହୋଟେଲ ମାଲିକ କେଡିଆ ୨୫ ହଜାର ଟଙ୍କା ସୁଧାଂଶୁଙ୍କ ଆକାଉଣ୍ଟରେ ଟ୍ରାନ୍ସଫର୍ କରିଥିଲେ। ପରେ ପୂଜା ପାଇଁ ଆହୁରି ୨୫ ହଜାର ଟଙ୍କା ଲାଗିବ ବୋଲି ମାଗିଥିଲେ। ସନ୍ଦେହ ହେବାରୁ ସେ ଆଉ ଟଙ୍କା ନ ଦେଇ ଥାନାରେ ଅଭିଯୋଗ କରିଥିଲେ।

# ମୂଳରୁ ଚୂଳ ଯାଏ ଦୁର୍ନୀତିରେ ସମ୍ପୃକ୍ତ: ଇରାଶିଷ

ସମ୍ବଲପୁର,୩୧।୭(ବ୍ୟୁରୋ)



ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

ରାଜ୍ୟ ସରକାର ଯୁବବର୍ଗଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଛନ୍ତି। ରାଜ୍ୟରେ ଅନେକ ଶିଳ୍ପ, କଳକାରଖାନା ରହିଛି। ହେଲେ ସ୍ଥାନୀୟ ନିଯୁକ୍ତିକୁ ସୁଯୋଗ ଦିଆଯାଉ ନାହିଁ। ଲକ୍ଷାଧିକ ଉଚ୍ଚଶିକ୍ଷିତ ବେକାର ହୋଇ ବସିଛନ୍ତି। ଏହାର ସୁଯୋଗ ନେଇ ସରକାରୀ ବାବୁ ଚାକିରି ଦେବା ନାମରେ କୋଟି କୋଟି ଟଙ୍କା ଲାଞ୍ଚ କାରବାର କରୁଛନ୍ତି। ଏହି ଦୁର୍ନୀତିରେ ମୂଳରୁ ଚୂଳ ଯାଏ ସମ୍ପୃକ୍ତ। ଶୁକ୍ରବାର ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ସଦସ୍ୟଙ୍କ ପ୍ରାଇଭେଟ ସେକ୍ରେଟାରି (ପିଏସ୍) ବିରଞ୍ଚି ନାରାୟଣ ସାହୁଙ୍କ ଘରେ ଭିଜିଲାନ୍ସ ଚଢାଉରୁ ଏହା ପ୍ରମାଣିତ ହୋଇଛି ବୋଲି ଶନିବାର କଚେରି ରୋଡ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ତାଙ୍କ ଘରୁ ଆଡ୍‌ମିଟ କାର୍ଡ, ପରିଚୟ ପତ୍ର ସହ ପ୍ରାୟ ସାଢେ ୩ କୋଟି ଟଙ୍କା ଜବତ ହୋଇଥିବା ସେ ଦର୍ଶାଇଛନ୍ତି। ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ସେ କହିଛନ୍ତି, ପିଏସ୍ ସାହୁ କେବଳ ମାଧ୍ୟମ ଅଟନ୍ତି। ଏହି ଘଟଣାରେ ସରକାରୀ ବଡବାବୁ, ନେତାମାନଙ୍କ ସମ୍ପୃକ୍ତି ରହିଛି। ଏହାର ବିଚାର ବିଭାଗୀୟ ତଦନ୍ତ କିମ୍ବା ସିବିଆଇ ତଦନ୍ତ କରାଗଲେ ସତ୍ୟାସତ୍ୟ ସାମନାକୁ ଆସିବ। ନିଯୁକ୍ତି ନ ଥିବାରୁ ଯୁବତୀଯୁବକ ବାଧ୍ୟ ହୋଇ ଦାଦନ ଖଟିବାକୁ ଯାଉଛନ୍ତି। ଶିକ୍ଷାଗତ ଯୋଗ୍ୟତା ପରିବର୍ତ୍ତେ ଆର୍ଥିକ ଯୋଗ୍ୟତା ଆଧାରରେ ଚାକିରି ଦିଆଯାଉଛି। ସରକାର ୫-ଟି କଥା କହୁଛନ୍ତି। ହେଲେ ଏଭଳି ଘଟଣାରୁ କିଭଳି ସ୍ୱଚ୍ଛତା ହେଉଥିବା ତାହା ସହଜରେ ଅନୁମେୟ। ରାଜ୍ୟ ସରକାରଙ୍କ ଅଧିକାଂଶ ଅଧିକାରୀ ଓ ନେତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ହୋଇଆସୁଛି। ହେଲେ ମାମଲାକୁ ଚାପିଦିଆଯାଉଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କୁ ଗିରଫ କରା ନ ଗଲେ ଭାଜପା ଯୁବମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍ୟାନ କୃଷି, ପ୍ରାଣୀଧନ ବିଭାଗ କାର୍ଯ୍ୟ ସମୀକ୍ଷା

ସମ୍ବଲପୁର,୩୧।୭ (ବ୍ୟୁରୋ)

ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଉଦ୍ୟାନ କୃଷି ଓ ପ୍ରାଣୀଧନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ମାନେଶ୍ୱର, ନାକଟିଦେଉଳ, ରେଢ଼ାଖୋଲ, ଯୁଜୁମୁରା ବ୍ଲକରେ କିଭଳି ଚାଷୀମାନେ ଉପକୃତ ହୋଇପାରିବେ ସେ ନେଇ ସମୀକ୍ଷା କରିଛନ୍ତି। ସେମାନଙ୍କୁ ଉତ୍ତମ ଚାରା ଓ ବିହନ ଯୋଗାଇଦେବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଠିକ୍ ସମୟରେ ରୋଗପୋକ ନିୟନ୍ତ୍ରଣ ସହ ଋଣ ପ୍ରଦାନରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନାରେ ଡା. କ୍ଷୀରୋଦ ପଟେଲ, ମୁକ୍ତିକାନ୍ତ ଭୂୟାଁ, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ କହିଥିଲେ ଯେ, ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି।

# ଲୋକଙ୍କୁ ମୌଳିକ ସୁବିଧା ଦେବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା ଅଫିସ,୩୧।୭

**ଏନ୍‌ଏଲ୍‌ସି କୋଇଲା ଖଣି ପ୍ରଭାବିତ ଗ୍ରାମବାସୀଙ୍କୁ ନେଇ ତ୍ରିପାକ୍ଷିକ ବୈଠକ**

ଝାରସୁଗୁଡ଼ା ତଳାବିରାସ୍ଥିତ ଏନ୍‌ଏଲ୍‌ସି କମ୍ପାନୀର କୋଇଲା ଖଣି ପ୍ରଭାବିତ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଶିବ ଟପ୍ପୋ, ଡିଏଫ୍‌ଓ ଲଳିତ ପାତ୍ର, ପିଡି (ଆର୍‌ଆଣ୍ଡଆର୍) ଆଲୋମଣି ସେଠୀ, କମ୍ପାନୀର ସିଏମ୍‌ଡି ରାଜେଶ କୁମାର, ଗ୍ରାମବାସୀଙ୍କ ତରଫରୁ ମଲଦା ସରପଞ୍ଚ ପ୍ରସନ୍ନ ବିଶ୍ୱାଳ, ହିର୍ମା ସରପଞ୍ଚ ଅନିତା ଭଇଁସା, ପତରାପାଲି ଓ ଖୁଣ୍ଡା ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଏହି କୋଇଲା ଖଣି ହେବା ଦ୍ୱାରା ଝାରସୁଗୁଡା ବ୍ଲକ୍‌ର ମଲଦା, ହିର୍ମା, ପତରାପାଲି ଓ ରେଙ୍ଗାଲି ବ୍ଲକ୍‌ର ଖୁଣ୍ଡା ଆଦି ପଞ୍ଚାୟତ ପ୍ରଭାବିତ ହେବ। ଖଣିକାର୍ଯ୍ୟ ଏବେ ଖୁଣ୍ଡା ପଞ୍ଚାୟତର ତଳାବିରାରୁ ଆରମ୍ଭ ହୋଇଛି। କମ୍ପାନୀର ଏହି କୋଇଲା ଖଣି ଝାରସୁଗୁଡା ଜିଲାରେ ୭୦% ରହିଥିବାବେଳେ ସମ୍ବଲପୁର ଜିଲାରେ ୩୦% ଜମି ରହିଛି। ଝାରସୁଗୁଡା ଜିଲାରେ ସର୍ବାଧିକ ୬୬୬ ଏକର ଜମି ରହିଛି। ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ, ନିଯୁକ୍ତି, ଥଇଥାନ, ପାନୀୟଜଳ, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଦାବି ହୋଇଛି। କମ୍ପାନୀ ତରଫରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଦାସ କମ୍ପାନୀ ସିଏମ୍‌ଡିଙ୍କୁ କହିଛନ୍ତି।

# ୭ରେ କଂଗ୍ରେସର ସୁନ୍ଦରଗଡ଼ ବନ୍ଦ ଡାକରା

ସୁନ୍ଦରଗଡ଼, ୩୧।୭ (ଡି.ଏନ୍.ଏ.)


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତା।

**ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ଓ ବିକାଶମୂଳକ କାର୍ଯ୍ୟରେ ସରକାରଙ୍କ ଦୋମୁହାଁ ନୀତି**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛୁଆ ଥିବା ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ରେ ଏମ୍‌ସର ଦ୍ୱିତୀୟ ଶାଖା ଖୋଲିବା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟଗୁଡିକ ବିଳମ୍ବ ହେବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଠାରେ ଏମ୍‌ସ ପ୍ରତିଷ୍ଠା ହେଲେ ପଶ୍ଚିମ ଓଡିଶାବାସୀଙ୍କ ସମେତ ପଡୋଶୀ ଝାଡଖଣ୍ଡ ଓ ଛତିଶଗଡ଼ ରାଜ୍ୟ ଅଧିବାସୀ ମଧ୍ୟ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ। ଏପ୍ରିଲ ୩ରେ ଏମ୍‌ସର ୯ଜଣିଆ କେନ୍ଦ୍ର ବୈଷୟିକ ଦଳ ସୁନ୍ଦରଗଡ଼ ଆସି ଏହାର ଭିତ୍ତିଭୂମି ଅନୁଧ୍ୟାନ ଓ ଜିଲା ପ୍ରଶାସନ ସହ ଆଲୋଚନା କରି ଫେରିଯାଇଛନ୍ତି। ଏଥିସହ ଆବଶ୍ୟକୀୟ ୨ଶହ ଏକର ଜମି ଓ ଅନ୍ୟାନ୍ୟ ଭିତ୍ତିଭୂମିର ସୁବିଧା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ରାଜି ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର ଏଦିଗରେ ତ୍ୱରିତ ପଦକ୍ଷେପ ନେଉନାହାନ୍ତି। ସୁନ୍ଦରଗଡ଼ରେ ଏମ୍‌ସ ଶାଖା ପ୍ରତିଷ୍ଠା, ଇବ୍ ନଦୀ ଉପରେ ବ୍ୟାରେଜ ନିର୍ମାଣ, ଡିଏମ୍‌ଏଫ୍ ପାଣ୍ଠିର ସଦୁପଯୋଗ, ସୁନ୍ଦରଗଡ ସହର ଜନସାଧାରଣଙ୍କୁ ମୌଳିକ ସେବା ପ୍ରଦାନ, ପୌରପାଳିକାର ବିଫଳତାକୁ ନେଇ ଆସନ୍ତା ୭ ତାରିଖରେ କଂଗ୍ରେସ ଦଳ ପକ୍ଷରୁ ସୁନ୍ଦରଗଡ଼ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ହୋଇଥିବା ଜିଲା ସଭାପତି ତ୍ରିପାଠୀ ପ୍ରକାଶ କରିବା ସହ ଏହାକୁ ସଫଳ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାଜ କିଶୋର ଷଡଙ୍ଗୀ, ବିରଞ୍ଚି ନାରାୟଣ ତ୍ରିପାଠୀ, ଅରୁଣ ପୃଷ୍ଟେଠ, କାଳୀପଦ ସାମଲ, ଆଇନଜୀବୀ କମଳ ସେନ, ପ୍ରଣବ ସିଂ, ଅଜିତ ପ୍ରସାଦ, ଶରତ ପୁରୋହିତ, ସତ୍ୟନାରାୟଣ ସାହୁ, ଜିଲା ସାଧାରଣ ସମ୍ପାଦକ ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିସ୍ଥାପିତ ଏବଂ ପୁନର୍ବାସ ପାଇଁ ଜନଶୁଣାଣି

ରାଜଗାଙ୍ଗପୁର, ୩୧।୭ (ଡି.ଏନ.ଏ)

ଲାଞ୍ଜିବେର୍ଣ୍ଣା ଚୁନପଥର ଖଣିର ସମ୍ପ୍ରସାରଣ ସକାଶେ ଜମି ଅଧିଗ୍ରହଣ କାର୍ଯ୍ୟକ୍ରମ ଜାରି ରହିଛି । ଉକ୍ତ ଜମି ଅଧିଗ୍ରହଣ ସମୟରେ ଯେଉଁ ପରିବାରବର୍ଗ ତାଙ୍କର ବାସସ୍ଥାନ ହରାଇବେ ସେମାନଙ୍କୁ ଦୃଷ୍ଟିରେ ରଖି କମ୍ପାନୀ ତରଫରୁ ସେହି ପରିବାର ନିମନ୍ତେ ପୁନର୍ବାସ କରିବାର ଯୋଜନା ରହିଛି। ଏଥି ସକାଶେ ଜିଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ତରଫରୁ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭେଲପମେଣ୍ଟ ଷ୍ଟଡିଜ (ଏନସିଡିଏସ) ଅନୁଷ୍ଠାନ ସାମାଜିକ ପ୍ରଭାବ ଆକଳନ କରି ତାର ସବିଶେଷ ରିପୋର୍ଟ ପ୍ରଶାସନ ତଥା କୁକୁଡ଼ା ଏବଂ ଝାରବେଡା ପଞ୍ଚାୟତକୁ ପ୍ରଦାନ କରାଇଥିଲେ । ଉକ୍ତ ରିପୋର୍ଟକୁ ଆଧାର କରି ଜିଲା ପ୍ରଶାସନ ତରଫରୁ ଶନିବାର ଜନଶୁଣାଣି କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଅଭିମନ୍ୟୁ ବେହେରା, ରାଜଗାଙ୍ଗପୁର ତହସିଲଦାର ଶରତ କୁମାର ବାଗ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାୟକ, ବିଡ଼ିଓ ମାନସରଞ୍ଜନ ରାୟ, ବ୍ଲକ ଅଧ୍ୟକ୍ଷ ଓସିଏଲ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

# ବର୍ଷାରେ ଧସିଯାଉଛି ପିଚୁରାସ୍ତା


ବର୍ଷାରେ ରାସ୍ତା ପାର୍ଶ୍ୱ ଧସିଯାଇଛି।

କୁତ୍ରା,୩୧।୭(ଡି.ଏନ.ଏ)

ବର୍ତ୍ତମାନ ସାରା ରାଜ୍ୟରେ ଲଘୁଚାପଜନିତ ବର୍ଷା ହେଉଛି। ଏହି ବର୍ଷାରେ କେଉଁଠି ରାସ୍ତାରେ ଖାଲଖମା ସୃଷ୍ଟି ହେଲାଣି ତ କେଉଁଠି ସମ୍ପୂର୍ଣ୍ଣ ରୂପେ ରାସ୍ତା ଧସିଗଲାଣି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖାଯାଉଛି ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ। ବ୍ଲକର ପଞ୍ଚରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଝାପଡା ଗ୍ରାମରୁ ରାଇଡ଼ିହିକୁ ଯାଇଥିବା ୨ କିଲୋମିଟର ରାସ୍ତାର ଉଭୟ ପାର୍ଶ୍ୱ ସାମାନ୍ୟ ବର୍ଷାରେ ଧସିଯିବା ସାଙ୍ଗକୁ ଯିବାଆସିବା କଷ୍ଟକର ହୋଇପଡ଼ିଲାଣି। ରାସ୍ତା ମଧ୍ୟ ସମ୍ପୂର୍ଣ୍ଣ ରୂପେ ଧସିବାକୁ ଲାଗିଲାଣି। ଏହି ରାସ୍ତା ଉପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ନିୟମିତ ଯିବାଆସିବା ଲାଗି ନିର୍ଭର କରୁଛନ୍ତି। ଦୁଇ ଚକିଆ, ଚାରି ଚକିଆ ସାଙ୍ଗକୁ ଭାରିଯାନ ମଧ୍ୟ ଯିବା ଆସିବା କରିଥାଏ। ଫଳରେ ରାସ୍ତାର ମରାମତି ନିହାତି ଭାବରେ ଆବଶ୍ୟକ ହେଉଛି। ଅନୁରୂପ ଭାବରେ ୧୦ ନମ୍ବର ରାଜ୍ୟରାଜପଥ ରାଞ୍ଚିରୋଡ୍, ଲକ୍ଷ୍ମୀପୋଷ ଦେଇ ଯାଉଥିବା ରାସ୍ତା ଉପରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଯାନବାହନ ଯାତାୟତ କରୁଥିବାବେଳେ ବିଗତ କିଛି ମାସ ମଧ୍ୟରେ ରାସ୍ତାରେ ଅନେକ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଦୁର୍ଘଟଣାଘଟି ଜୀବନହାନି ହେଉଛି।

## ବରିଷ୍ଠ ସହାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି ।

କୁଆଁରମୁଣ୍ଡା,୩୧।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକ ଅସୀମ କୁମାର ମହାପାତ୍ର ଶନିବାର ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏ ନେଇ କୁଆଁରମୁଣ୍ଡା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକସ୍ତରୀୟ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭା କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କୋଭିଡ୍ ନିୟମ ଅନୁପାଳନ କରି ବ୍ଲକର ଶିକ୍ଷୟିତ୍ରୀ/ଶିକ୍ଷକମାନେ ଏହି ସଭାରେ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା ବରିଷ୍ଠ ସହାୟକ ମହାପାତ୍ରଙ୍କ ଅବସର ଜୀବନ ସୁଖ, ଶାନ୍ତିରେ ବିତୁ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନ, କୁତ୍ରା ଗୋଷ୍ଠୀ ଶିକ୍ଷାଧିକାରୀ ଗୁରୁଚରଣ ସାହୁ, କୁଆଁରମୁଣ୍ଡା ଏବିଇଓ ମୋହନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଏଥିରେ ସହାୟତା କରିଛନ୍ତି।

# ଦୀର୍ଘକାଳୀନ ବିକାଶ ଦିଗରେ ପାଣ୍ଠି ବିନିଯୋଗ ଉପରେ ଗୁରୁତ୍ୱ

ସୁନ୍ଦରଗଡ଼, ୩୧।୭ (ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ଜିଲାପାଳ, ସାଂସଦ ଓ ବିଧାୟକ।

**ସୁନ୍ଦରଗଡ଼ ଡିଏମ୍‌ଏଫ୍ ପରିଚାଳନା ପରିଷଦର ବାର୍ଷିକ ବୈଠକ**

ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପରିଚାଳନା ପରିଷଦର ଅଷ୍ଟମ ବାର୍ଷିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଆୟୋଜିତ ଏହି ବୈଠକରେ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ କିପରି ଆଗକୁ ନିଆଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲାର ଦୀର୍ଘକାଳୀନ ବିକାଶ ଦିଗରେ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଜିଲାପାଳ ତଥା ଡିଏମ୍‌ଏଫ୍ ଟ୍ରଷ୍ଟର ଅଧ୍ୟକ୍ଷ ଓ ମ୍ୟାନେଜିଂ ଟ୍ରଷ୍ଟି ନିଖିଲ ପବନ କଲ୍ୟାଣ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଡିଏମ୍‌ଏଫ୍ ପାଣ୍ଠି ସହାୟତାରେ ଜିଲାରେ ଚାଲିଥିବା ବିଭିନ୍ନ ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ତଥା ନୂଆ କରି ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି ପାଣ୍ଠି କେବଳ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଉଛି ବୋଲି ଜିଲାପାଳ ଏହି ଅବସରରେ ସୂଚନା ଦେଇଥିଲେ। ବିଶେଷକରି ଡିଏମ୍‌ଏଫ୍‌ର କାର୍ଯ୍ୟ ଖସଡ଼ାରେ ଅଗ୍ରାଧିକାର ଦିଆଯାଉଥିବା ବିଷୟ ତଥା ଜିଲାର ଦୀର୍ଘକାଳୀନ ବିକାଶ ଲାଗି ଆବଶ୍ୟକ ବିଭିନ୍ନ ଅଭିନବ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ। ଏହି ବୈଠକରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ସହିତ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜଗାଙ୍ଗପୁର ବିଧାୟକ ଡକ୍ଟର ସି.ଏସ୍ ରାଜିନ୍ ଏକ୍କା, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଏବଂ ନିମନ୍ତ୍ରିତ ସଦସ୍ୟ ଭାବେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଖଣି ପ୍ରଭାବିତ କୋଇଡ଼ା, ଲହୁଣୀପଡ଼ା ଏବଂ ହେମଗିରି ଦେଇ ଯାଇଥିବା ୨୧୫ ଏବଂ ୨୨୦ ନମ୍ବର ରାଜପଥ, ଲହୁଣୀପଡ଼ା ବ୍ଲକରେ ରାଜାମୁଣ୍ଡା-କଲେଇପୋଷ ରାସ୍ତା ଏବଂ ହେମଗିର ବ୍ଲକରେ ବାଙ୍କୀବାହାଲ-ଟପରିଆ ରାସ୍ତା ମରାମତି କରିବାକୁ ପ୍ରସ୍ତାବ ଦେଇଥିଲେ ସାଂସଦ ଜୁଏଲ ଓରାମ। ସୁନ୍ଦରଗଡ଼ ସହର ଚାରିପଟେ ଏକ ରିଙ୍ଗ୍ ରୋଡ୍ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ ବିଧାୟିକା କୁସୁମ ଟେଟେ। ସେହିପରି ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଜିଲାର ପ୍ରତି ପଞ୍ଚାୟତରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରି କମ୍ ବୟସରୁ ପିଲାମାନଙ୍କୁ କ୍ରୀଡ଼ା ପ୍ରତି ଆକର୍ଷିତ କରିବାକୁ ମତ ଦେଇଥିଲେ। ରାଜଗାଙ୍ଗପୁର ବିଧାୟକ ଡକ୍ଟର ସି.ଏସ୍ ରାଜିନ ଏକ୍କା ହାତୀ ଉପଦ୍ର କାରଣରୁ ବାସଶୂନ୍ୟ ହେଉଥିବା ଲୋକଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ। ଡିଏମ୍‌ଏଫ୍‌ର ଆର୍ଥିକ ସହାୟତାରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ସଡ଼କ ତିଆରି କାର୍ଯ୍ୟ ଜାରି ରହିଛି। ହକି ସହିତ ଫୁଟବଲ୍ ତଥା ଅନ୍ୟ କ୍ରୀଡ଼ାର ବିକାଶ ଲାଗି ବ୍ଲକ ସ୍ତରରେ ବହୁମୁଖୀ ସୁବିଧା ଥିବା ଭିତ୍ତିଭୂମି ନିର୍ମାଣ କରିବା ଏବଂ ଗ୍ରାମାଞ୍ଚଳର ଜଳାଶୟଗୁଡ଼ିକର ଉନ୍ନତିକରଣ ଲାଗି ମଧ୍ୟ ଜୋର୍ ଦେବାକୁ ସଦସ୍ୟମାନେ ମତ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଆଆଡ୍ଡା ଉପରେ ଚଢ଼ାଉ: ୯ ଗିରଫ

ନୂଆପଡା ଅଫିସ: ନୂଆପଡା ସଦର ବ୍ଲକ ଜୋଙ୍କ ଥାନା ଖରିଆର ରୋଡ ଅଞ୍ଚଳରେ ଜୁଆଆଡ୍ଡା ଉପରେ ଚଢାଉ କରି ପୋଲିସ ୯ ଜଣଙ୍କୁ ଗିରଫ କରି ଥାନାରେ ଅଟକ ରଖିଛି। ଶନିବାର ଖରିଆର ରୋଡ ଇଣ୍ଡୋର ଷ୍ଟାଡିୟମ ପଛପଟେ ଜୁଆ ଖେଳ ଚାଲିଥିବା ବେଳେ କୌଣସି ସୂତ୍ରରୁ ଜୋଙ୍କ ପୋଲିସ ଖବରପାଇ ଜୁଆଆଡ୍ଡା ଉପରେ ଅତର୍କିତ ଭାବରେ ଚଢାଉ କରିଥିଲା। ସେମାନଙ୍କଠାରୁ ଜୋଙ୍କ ପୋଲିସ ନଗଦ ୧୨,୩୮୦ ଟଙ୍କା, ୭ଟି ମୋବାଇଲ, ତାସ ସହ ଗୋଟିଏ ବାଇକ୍ ଜବତ କରିଛି। ପୋଲିସ ଏକ ମାମଲା (ନଂ.୧୭୨/୨୧) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଗିରଫ ବ୍ୟକ୍ତିମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଅରବିନ୍ଦ ମୁଦୁଲି ସୂଚନା ଦେଇଛନ୍ତି।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଭବାନୀପାଟଣା/କେସିଙ୍ଗା, ୩୧।୭(ସ୍ୱ.ପ୍ର./ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ.ପାଣ୍ଡିଆନ ଓ ତାଙ୍କ ଟିମ୍ କଳାହାଣ୍ଡି ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ କୋଭିଡ୍ ସ୍ଥିତି ଅନୁଧ୍ୟାନ, ସମ୍ଭାବ୍ୟ ତୃତୀୟ ଲହରକୁ ସାମ୍ନା ଲାଗି ପ୍ରସ୍ତୁତି ଉପରେ ଅନୁଧ୍ୟାନ କରିଥିଲେ। ଏହି ଟିମ୍‌ରେ ତାଙ୍କ ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ୍ କ୍ରିଷ୍ଣା ମଧ୍ୟ ସାମିଲ ଥିଲେ। ଶନିବାର ପୂର୍ବାହ୍ନ ୯ଟା ୪୫ରେ ମୁଖ୍ୟ ସଚିବ ଓ ୫-ଟି ସଚିବ ଉତ୍କେଳା ବିମାନ ବନ୍ଦରରେ ଓହ୍ଲାଇ ସେଠାକାର ସ୍ଥିତି ଓ ଜମି ଅଧିଗ୍ରହଣ ଉପରେ ସବିଶେଷ ସମୀକ୍ଷା କରିଥିଲେ। ଆର୍‌ସିଏସ୍ ଉଡାନ୍ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଭବାନୀପାଟଣାରୁ ଭୁବନେଶ୍ୱର ଓ ରାୟପୁରକୁ ସାପ୍ତାହିକ ବିମାନ ସେବା ଶୀଘ୍ର ଆରମ୍ଭ କରାଯିବ ବୋଲି କହିଥିଲେ। ଏହାପରେ ମୁଖ୍ୟ ଶାସନ ସଚିବ ଓ ତାଙ୍କ ଟିମ୍ ଭବାନୀପାଟଣା ଭଙ୍ଗାବାଡ଼ିସ୍ଥିତ ନିର୍ମାଣାଧୀନ ୧୦୦ ସିଟ୍ ବିଶିଷ୍ଟ ସରକାରୀ ମେଡିକାଲ କଲେଜର ଅଗ୍ରଗତି କାର୍ଯ୍ୟ, ଅଧ୍ୟାପନା ବ୍ଲକ, ଅଡିଟୋରିୟମ୍, ମହିଳା ଓ ପୁରୁଷ ହଷ୍ଟେଲର ପରଦର୍ଶନ କରିବା ସହ ଆଗାମୀ ୩୧ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୬୫୦ ଶଯ୍ୟା ବିଶିଷ୍ଟ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟର ପୂର୍ଣ୍ଣାଙ୍ଗ ଅଟକଳ ସମୀକ୍ଷା କରି ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ ପିଡବ୍ଲୁଡି ନିର୍ବାହୀ ଯନ୍ତ୍ରୀଙ୍କୁ ୫-ଟି ସଚିବ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ପରେ ନିର୍ମାଣାଧୀନ କଲେଜ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ୫-ଟି ସଚିବ ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ମା' ଇନ୍ଦ୍ରାବତୀ ଟେମ୍ପୁଲ କମ୍ପଲେକ୍ସ, ନୂତନ ବସଷ୍ଟାଣ୍ଡ, ଉତ୍କେଳା ବିମାନବନ୍ଦର, ସାନ୍ଧୁର ଜଳସେଚନ ପ୍ରକଳ୍ପ, ମେଗାଲିଫ୍ଟ, ବଲାଙ୍ଗୀର-କେସିଙ୍ଗା ୨୨୦ କେଭି ଲାଇନ୍, ବିଜୁ ଏକ୍ସପ୍ରେସ ୱେ, ନିର୍ମାଣାଧୀନ ଭବାନୀପାଟଣା ଟାଉନହଲ୍, ଆଇଟିଆଇ ଧର୍ମଗଡ ଉପରେ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ଠାରୁ ଅବଗତ ହୋଇଥିଲେ। ମୁଖ୍ୟଶାସନ ସଚିବ କେସିଙ୍ଗା- ବଲାଙ୍ଗୀର ୨୨୦ କେଭି ଲାଇନର ଶୀଘ୍ର କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନର୍ଲା ରେଳ ଲୋକୋ ସେଡ୍ ପାଇଁ ଜମି ଅଧିଗ୍ରହଣ ଓ ଜଙ୍ଗଲ ଅନୁମତିକୁ ଶୀଘ୍ର ସମ୍ପାଦନା ପାଇଁ ଜିଲାପାଳଙ୍କୁ କହିଥିଲେ। ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲାର ୨୬ଟି ହାଇସ୍କୁଲକୁ ନିଆଯାଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ଟିମ୍ ଭବାନୀପାଟଣାସ୍ଥିତ ଟାଉନ ନୋଡାଲ ହାଇସ୍କୁଲ, ବ୍ରଜମୋହନ ହାଇସ୍କୁଲକୁ ପରିଦର୍ଶନ କରି ରୂପାନ୍ତରିତ ହୋଇଥିବା ସ୍ମାର୍ଟ ଶ୍ରେଣୀ କୋଠରି, ବିଜ୍ଞାନ ପରୀକ୍ଷାଗାର, ଶୌଚାଳୟ, ଇ-ପାଠାଗାର ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ୫ଟି ସଚିବ ସ୍କୁଲ ରୂପାନ୍ତରିତ କାର୍ଯ୍ୟକୁ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଗସ୍ତ ସମୟରେ କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ, ଏସ୍‌ପି ଶ୍ରବଣ ବିବେକ ଏମ୍, ପିଡି ଡିଆରଡିଏ୍ ସୋମେଶ କୁମାର ଉପାଧ୍ୟାୟ,ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ କୁମାର ସିଂହଙ୍କ ସହ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଭବାନୀପାଟଣା ଟାଉନ ନୋଡାଲ ହାଇସ୍କୁଲରେ ମୁଖ୍ୟ ଶାସନ ସଚିବ, ୫ଟି ସଚିବ ଓ ତାଙ୍କ ଟିମ୍।

**ମୁଖ୍ୟଶାସନ ସଚିବ ଓ ୫ଟି ସଚିବଙ୍କ କଳାହାଣ୍ଡି ଗସ୍ତ**

- ଉତ୍କେଳାରୁ ଭୁବନେଶ୍ୱର ଓ ରାୟପୁରକୁ ସାପ୍ତାହିକ ବିମାନ ସେବା ଖୁବ୍‌ଶୀଘ୍ର

## ସଂକ୍ଷେପରେ

### ନବଜାତ ଶିଶୁ କନ୍ୟା ଅନ୍ଧ: ଚିକିତ୍ସା ସହାୟତା ପାଇଁ ଦାବି

**ନୂଆପଡା ଅଫିସ,୩୧।୭:** ନୂଆପଡା ଜିଲା ଖଡିଆଳ ବ୍ଲକ ପୋଡାପାଲି ଗାଁରେ ଜନ୍ମ ନେଇଛି ଏକ ଶିଶୁ କନ୍ୟା। ଶିଶୁ କନ୍ୟା ଅନ୍ଧ ହୋଇଥିବାରୁ ବାପା, ମା'ଦୁଃଖରେ ଭାଙ୍ଗିପଡିଛନ୍ତି। ପୋଡାପାଲି ଗାଁର ଉଦାଳ ସୁନାନୀଙ୍କ ସ୍ତ୍ରୀ ସଙ୍ଗୀତାଙ୍କ ଗର୍ଭରୁ ୫ଜଣ ଝିଅ ଜନ୍ମ ପରେ ଷଷ୍ଠ ଗର୍ଭରେ ମଧ୍ୟ ଶିଶୁ କନ୍ୟା ଜନ୍ମ ନେଇଥିଲା। ଷଷ୍ଠ ଶିଶୁ କନ୍ୟା ଜନ୍ମରୁ ଅନ୍ଧ ଭାବରେ ଜନ୍ମ ହୋଇଥିଲା। ଏହି ଖବର ନୂଆପଡା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳିପ୍ରସାଦ ବେହେରାଙ୍କୁ ଜଣାଇବାରୁ ନବଜାତ ଶିଶୁ କନ୍ୟାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇ ଥିଲେ। ଶିଶୁ କନ୍ୟାକୁ ଦେଖିଲା ପରେ ଭୁବନେଶ୍ୱର ଏଲଭି ପ୍ରସାଦ ନେତ୍ରାଳୟରେ ଅପରେସନ କରାଯିବା ଦରକାର ହୋଇପାରେ ବୋଲି କହିଥିଲେ। ପରେ ଏଲଭି ପ୍ରସାଦ ନେତ୍ରାଳୟ ସହିତ କଥା ହୋଇ ଗତ ୨୫ ତାରିଖ ଭୁବନେଶ୍ୱର ଯାଇଥିଲେ। ସେଠାରେ ସ୍ଥାନ ଖାଲି ନ ଥିବାରୁ ଫେରି ଆସିଛନ୍ତି। ସିଡିଏମ୍‌ଓ ପୁଣି କଥା ହେଇ ତାରିଖ ଧାର୍ଯ୍ୟ ହେଲା ପରେ ଭୁବନେଶ୍ୱର ଯାଇ ଶିଶୁ କନ୍ୟାର ଆଖି ଅପରେସନ ହେବ। ଅପରେସନ ପାଇଁ ଯାତାୟାତ ଖର୍ଚ୍ଚ ପାଇଁ ଖଡିଆଳ ବିଡିଓ ନାରାୟଣ ସାହୁଙ୍କୁ ଅନୁରୋଧ କରାଯାଇଛି । ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

### ୨ଲକ୍ଷ ଲୁଟିଲେ ଦୁର୍ବୃତ୍ତ

**ଟିଟିଲାଗଡ଼,୩୧।୭ (ଡି.ଏନ.ଏ):** କିଛିଦିନର ନୀରବତା ପରେ ଶନିବାର ଲୁଟେରା ଆପାଚି ଗ୍ୟାଙ୍ଗ ଟିଟିଲାଗଡ ଅଞ୍ଚଳରେ ଲୁଟ୍‌ପାଟ୍ କରିଛନ୍ତି। ସହରର ଯୁବ ଠିକାଦାର ମହେଶ ଅଗ୍ରୱାଲଙ୍କ ଦୁଇଜଣ କର୍ମଚାରୀଙ୍କଠାରୁ ସେମାନେ ୨ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଖବର ପାଇ ଟିଟିଲାଗଡ ଥାନା ଅଧିକାରୀ ରଞ୍ଜନ ବରିହା, ଏସଆଇ ଆଶୁତୋଷ ସାମଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାରୁ ପ୍ରକାଶ ଯେ, ମହେଶଙ୍କ ଦୁଇ କର୍ମଚାରୀ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରୁ ୨ ଲକ୍ଷ ଟଙ୍କା ଉଠାଣ କରି ଏକ ଲୁନାରେ ଫେରୁଥିଲେ। ହଟଲି ଛକସ୍ଥିତ ମହେଶଙ୍କ ଅଫିସ ମୋଡରେ ଅଚାନକ ଦୁଇ ଜଣ ଲୁଟେରା ଏକ ଆପାଚି ବାଇକରେ ଆସି ପଛରେ ବସିଥିବା କର୍ମଚାରୀଙ୍କ ହାତରୁ ଟଙ୍କା ବ୍ୟାଗ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଲୁଟେରାଙ୍କ ଲୁଟ୍ କରୁଥିବା ଚିତ୍ର ସିସିଟିଭି ଫୁଟେଜରେ ରେକର୍ଡ ହୋଇଛି।

### ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି

**ଲୋଇସିଂହା,୩୧।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟା ବସଷ୍ଟାଣ୍ଡସ୍ଥିତ ଏକ ଇଲେକ୍ଟ୍ରୋନିକ୍ସ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ନରେଶ ଅଗ୍ରୱାଲ ସାଲେଭଟା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଲୋଇସିଂହା ଥାନା ଟ୍ରେନି ଡିଏସ୍‌ପି ଅମୃତ କୁମାର ପଣ୍ଡା, ଆଇଆଇସି ରମାକାନ୍ତ ଜେନା, ଏସଆଇ ନବୀନ ଭୋଇ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଚଳାଇଛନ୍ତି। ଅଭିଯୋଗ ଅନୁଯାୟୀ, ସାଲେଭଟା ଫାଣ୍ଡିଠାରୁ ଅଳ୍ପଦୂରରେ ଥିବା ବସଷ୍ଟାଣ୍ଡରେ ୨୬ନଂ ରାଜପଥ କଡରେ ଅଗ୍ରୱାଲଙ୍କ ଦୋକାନ ରହିଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଦୋକାନ ଶଟର ତାଡି କୁଲର, ପଙ୍ଖା, ଫ୍ରିଜ ଏବଂ ଗ୍ରାଇଣ୍ଡର ପ୍ରଭୃତି ଇଲେକ୍ଟ୍ରୋନିସ ସାମଗ୍ରୀ ଚୋରି ନେଇଛନ୍ତି। ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଦୋକାନୀ ମାଲିକ ଅଭଯୋଗରେ ଦର୍ଶାଇଛନ୍ତି।

### କୋଭିଡ୍ ସମୟରେ ଶିଶୁ ଯତ୍ନ ପାଇଁ ପ୍ରଶିକ୍ଷଣ

**ସୋନପୁର,୩୧।୭(ନି.ପ୍ର):** ସୋନପୁର ବ୍ଲକ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗତ ୨୭ ଜୁଲାଇରୁ ୩୦ତାରିଖ ପର୍ଯ୍ୟନ୍ତ ଚାରୋଟି ପର୍ଯ୍ୟାୟରେ କୋଭିଡ୍ ମହାମାରୀର ମୁକାବିଲା ସମୟରେ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୧୫ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ, ୩ ଜଣ ସ୍ୱାସ୍ଥ୍ୟ ପରିଦର୍ଶକ, ୭୭ ଜଣ ଆଶାକର୍ମୀ, ୮ ଜଣ କ୍ଷେତ୍ରୀୟ ପରିଦର୍ଶିକା ପରିଦର୍ଶକ ପ୍ରଶିକ୍ଷଣ ନେଇଥିଲେ। କରୋନା ସମୟରେ କିପରି ଭାବେ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଆଯିବ ସେ ବିଷୟରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବିରରେ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ସଙ୍ଗୀତା ଚୌଧୁରୀଙ୍କ ସମେତ ଡାକ୍ତର ପୂଜାଶ୍ରୀ ମିଶ୍ର, ଡାକ୍ତର ସରୋଜ କୁମାର ମେହେର, ଡାକ୍ତର ସୌରଭ କୁମାର ସାହୁ ଓ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ପ୍ରଶିକ୍ଷଣର ଦାୟିତ୍ୱ ନିର୍ବାହ କରିଥିଲେ। ବିପିଏମ୍ ଅଶୋକ ମିଶ୍ରଙ୍କ ସଂଯୋଜନାରେ ଶିବିର ଅନୁଷ୍ଠିତ ହୋଇଥିଲା।

## କୁରୁଆଁ ହତ୍ୟା ଘଟଣା: ବାପପୁଅ ଗିରଫ

**ବରଗଡ଼ ଅଫିସ୍,୩୧।୭**

ବରଗଡ଼ ଟାଉନ ଥାନା ଅଧୀନ କୁରୁଆଁ ଗାଁ ମୁଣ୍ଡ ବ୍ରିଜ୍ ଉପରେ ଗତ ୨୮ତାରିଖ ବିଳମ୍ବିତ ରାତ୍ରିରେ ସଂଘଟିତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏହି ମାମଲାରେ କୁରୁଆଁ ଗ୍ରାମର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାର୍ତ୍ତିକ ନାଏକ ଏବଂ ପୁଅ ବିଭୀଷଣ। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୩୨୯/୨୧) ରୁଜୁ ହୋଇଛି। ଗିରଫ ବାପପୁଅଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୨୯ତାରିଖ ସକାଳେ ବରଗଡ଼ ସହର ପଠାଣପଡ଼ା ନିବାସୀ ଇନତିଆସ କ୍ୟୁରେସି(୩୫)ଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ତାହା ଏକ ହତ୍ୟାକାଣ୍ଡ ହୋଇଥିବାବେଳେ ଦୁର୍ଘଟଣା ରୂପ ଦେବା ପାଇଁ ଉଦ୍ୟମ ହୋଇଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ ବାପପୁଅଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲେ। ଜେରାବେଳେ ବାପପୁଅ ଇନତିଆସଙ୍କୁ ଟାଙ୍ଗିଆ, ବାଉଁଶ ବାଡ଼ିରେ ଆକ୍ରମଣ କରି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ଆଇଆଇସି ପୂଜାରୀ କହିଛନ୍ତି।

**ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଫଳ**

# ବାଜି ମାରିଲା ବିକାଶ



ଦେବଦର୍ଶନ ପାଢ଼ୀ



ନବ୍ୟା ନବେଲୀ ଆଚାର୍ଯ୍ୟ



ସ୍ନେହା ଲାଠ



ତନିଷା ଅଗ୍ରୱାଲ

**ବରଗଡ଼ ଅଫିସ୍,୩୧।୭**

- ଦେବଦର୍ଶନ, ନବ୍ୟା ନବେଲୀ ବିଜ୍ଞାନ ଟପ୍ପର
- ବାଣିଜ୍ୟରେ ସ୍ନେହା, ତନିଷା ଆଗରେ

ସିବିଏସଇ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ବିକାଶ ରେସିଡେନ୍ସିଆଲ ସ୍କୁଲର ସର୍ବାଧିକ ୨ଜଣ ଛାତ୍ରୀଛାତ୍ର ୯୯ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୯ଜଣ ୯୮, ୨୨ଜଣ ୯୭, ୧୩୩ଜଣ ୯୫ ଏବଂ ୪୪୦ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ସଫଳତା ଦ୍ୱାରା ଛାତ୍ରୀଛାତ୍ର ବିକାଶକୁ ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି ବୋଲି ଅନୁଷ୍ଠାନର ଏକାଡେ଼ମିକ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି। ପରୀକ୍ଷାଫଳ ଉପରେ ଡାଇରେକ୍ଟର (ଏକାଡେ଼ମିକ୍ସ) ଜି. ରାମକ୍ରୀଷ୍ଣା ସୂଚନା ଦେଇଛନ୍ତି, ବିଜ୍ଞାନରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୪୪୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାର ୨୪୭, ଭୁବନେଶ୍ୱର ଶାଖାର ୧୦୭ ଏବଂ ସମ୍ବଲପୁର ଶାଖାର ୩୪ଜଣ ରହିଛନ୍ତି । ସେହିପରି ବରଗଡ଼ ଶାଖାର ୬୭, ଭୁବନେଶ୍ୱର ଶାଖାର ୩୧ ଏବଂ ସମ୍ବଲପୁର ଶାଖାର ୧୩ଜଣ ଛାତ୍ରୀଛାତ୍ର ୯୫ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସମୁଦାୟ ୯୭୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାରୁ ୪୩୪, ଭୁବନେଶ୍ୱର ଶାଖାରୁ ୩୨୧, ସମ୍ବଲପୁର ଶାଖାରୁ ୨୧୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଜ୍ଞାନରେ ବରଗଡ଼ର ଦେବଦର୍ଶନ ପାଢ଼ୀ ୯୯.୨, ନବ୍ୟା ନବେଲୀ ଆଚାର୍ଯ୍ୟ ୯୯ ପ୍ରତିଶତ ମାର୍କ ରଖିଥିବା ବେଳେ ଦେବ ଶିବମ୍ ମିଶ୍ର ୯୮.୮, ସତ୍ୟପ୍ରଜ୍ଞା ଜିଉ ୯୮.୬, ସମ୍ପିତ ସାହୁ ୯୮.୪, ଆଶିଷ ତ୍ରିପାଠୀ ୯୮.୨, ପ୍ରାଞ୍ଜଳ ବହିଦାର ୯୭.୮, ଅଦ୍ୱୈତ କୁମାର ଦାଶ ୯୭.୬, କରନ ସାହୁ ୯୭.୪, ବିବେକ ପ୍ରିୟଦର୍ଶୀ ଭୋଇ, ଆଦିତ୍ୟ କତରୁକା ଓ ପ୍ରେରଣା ମେସୁଆ ୯୭.୨, ଆଶିଷ କୁମାର ମେହତୋ, ଜ୍ୟୋତିରାଦିତ୍ୟ ଜେନା ଓ ଚେତାନନ୍ଦ ମେହେର ୯୭ ପ୍ରତିଶତ ମାର୍କ ରଖି ଫଳାଫଳ ତାଲିକାର ଶୀର୍ଷରେ ରହିଛନ୍ତି। ଭୁବନେଶ୍ୱର ଶାଖାର ଅମ୍ଳାନ ଅଭିଳାଷ ବାରିକ ୯୮.୪, ସମ୍ବଲପୁର ଶାଖାର ସଚିନ କୁମାର ସାହୁ ୯୭.୪ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ବାଣିଜ୍ୟରେ ୨ଜଣ ୯୮, ୫ଜଣ ୯୭, ୧୪ଜଣ ୯୬, ୨୨ଜଣ ୯୫ ଏବଂ ୫୨ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି । ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବରଗଡ଼ ଶାଖାରୁ ୧୭, ଭୁବନେଶ୍ୱର ଶାଖାରୁ ୩ ଏବଂ ସମ୍ବଲପୁର ଶାଖାରୁ ୨ଜଣ ଛାତ୍ରୀଛାତ୍ର ରହିଛନ୍ତି। ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବରଗଡ଼ ଶାଖାରୁ ୩୪, ସମ୍ବଲପୁର ଶାଖାରୁ ୧୧ ଏବଂ ଭୁବନେଶ୍ୱର ଶାଖାରୁ ୭ଜଣ ଛାତ୍ରୀଛାତ୍ର ଅଛନ୍ତି । ବରଗଡ଼ର ସ୍ନେହା ଲାଠ ୯୮.୨, ତନିଷା ଅଗ୍ରୱାଲ ୯୮, ମୁସ୍କାନ ଆରା ୯୭.୪, ହାର୍ଦ୍ଦିକ ସାୱଡ଼ିଆ ୯୭.୨, ରାକ୍ଷୀ ମିଶ୍ର ୯୭ ପ୍ରତିଶତ ମାର୍କ ରଖିଛନ୍ତି । ବାଣିଜ୍ୟରେ ଭୁବନେଶ୍ୱର ଶାଖାରୁ ସୁଜଲ ଗୋୟଲ ୯୬.୨ ଏବଂ ସମ୍ବଲପୁର ଶାଖାରୁ ଐଶ୍ୱର୍ଯ୍ୟ ବର୍ଦ୍ଧନ ଦାସ ୯୬.୬ ପ୍ରତିଶତ ମାର୍କ ରଖିଛନ୍ତି। ଚଳିତବର୍ଷ ଏନ୍‌ଟିଏସ୍‌ଇ ଷ୍ଟେଜ-୨ ପରୀକ୍ଷା ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଛାତ୍ର ସାତ୍ତ୍ୱିକ ସଂକଳ୍ପ ଖମାରୀ ସଫଳତା ଅର୍ଜନ କରିଛନ୍ତି। ଶିକ୍ଷାନୁଷ୍ଠାନକୁ ବିଶ୍ୱାସ କରିଥିବା ସମସ୍ତ ଅଭିଭାବକ, କଠୋର ପରିଶ୍ରମ କରିଥିବା ଛାତ୍ରୀଛାତ୍ର, ବୋର୍ଡ଼ ତଥା ଏଣ୍ଟ୍ରାନ୍ସ ପାଠ୍ୟଦାନ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା ପ୍ରଶଂସା କରିଛନ୍ତି। ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ବିବେକ, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ସ୍କୁଲ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅନୁଧ୍ୟାନ କଲେ ଅଧିକାରୀ

**ଦେଓଗାଁ, ୩୧।୭(ଡି.ଏନ.ଏ.)**

ଦେଓଗାଁ ବ୍ଲକକୁ ଅଗଷ୍ଟ ୪ରେ ୫ଟି ସଚିବ ଭି.କେ ପାଣ୍ଡିଆନ ଓ ଅନ୍ୟ ତିନି ସଚିବଙ୍କ ଗସ୍ତ କାର୍ଯ୍ୟସୂଚୀ ରହିଛି। ଗସ୍ତ କାର୍ଯ୍ୟକ୍ରମକୁ ନେଇ ଶନିବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ଉପଜିଲାପାଳ ଲମ୍ବୋଦର ଧରୁଆ ଦେଓଗାଁ ପଞ୍ଚାୟତ ସମିତି ସରକାରୀ ହାଇସ୍କୁଲରେ ଚାଲିଥିବା ସୌନ୍ଦର୍ଯ୍ୟକରଣ କାମର ଅଗ୍ରଗତିର ଅନୁଧ୍ୟାନ କରିଛନ୍ତି। ସ୍କୁଲ ପରିବେଶକୁ ସ୍ୱଚ୍ଛ ରଖିବା ସହ ଶିକ୍ଷାର ବିକାଶ ପାଇଁ ୫୫ଲକ୍ଷ ଟଙ୍କାରେ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ବିଡିଓ ମୂରଲୀଧର ନାଏକ, ଯନ୍ତ୍ରୀ ଶୁଭେନ୍ଦୁ ମାନସିଂ, ସିନିୟର ଟିସି ଭୁବନାନନ୍ଦ ହୋତା, ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ୯୦ ପ୍ରତିଶତ ମାର୍କ ଉପରେ ୩୨ ଛାତ୍ରୀଛାତ୍ର

**ବଲାଙ୍ଗୀର ପବ୍ଲିକ୍ ସ୍କୁଲର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ**

**ବଲାଙ୍ଗୀର ଅଫିସ, ୩୧।୭**

ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଏଥିରେ ବଲାଙ୍ଗୀର ପବ୍ଲିକ୍ ସ୍କୁଲର ୧୨୩ ଜଣ ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୩୨ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୬୨ଜଣ ୮୦ରୁ ଉର୍ଦ୍ଧ୍ୱ, ୮୯ ଜଣ ୭୦ରୁ ଉର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖିଛନ୍ତି। ଅନ୍ୟ ୧୨୨ଜଣ ୬୦ରୁ ଉର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖିଛନ୍ତି। ଅମନ ଜୈନ୍ ସର୍ବାଧିକ ୪୭୯ ମାର୍କ (୯୫.୮ ପ୍ରତିଶତ) ରଖି ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କ୍ରମାଗତ ଭାବେ ଏହି ସ୍କୁଲର ଛାତ୍ରୀଛାତ୍ର ସଫଳତା ପାଇଆସୁଛନ୍ତି।

## ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ ବିଧାୟକ

**ଲାଠୋର,୩୧।୭(ଡି.ଏନ.ଏ.)**

ତୁରେକେଲା ବ୍ଲକ ହଳନଭଟା ପଞ୍ଚାୟତକୁ ଶନିବାର କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଗସ୍ତରେ ଆସିଥିଲେ। ପଞ୍ଚାୟତ ଅଧୀନ ଡେବରିଆମୁଣ୍ଡା ମେହେର ପଡାରେ ଲାଗି ରହିଥିବା ସମସ୍ୟା ଉପରେ ପଡାବାସୀଙ୍କ ସହ ଆଲୋଚନା କରି ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ସରପଞ୍ଚ ବଂଶୀ ତାଣ୍ଡି, କାର୍ତ୍ତିକ ପୁଟେଲ, ବାଳକୃଷ୍ଣ ସେଲମା ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ଉପଦ୍ରବ: ଭାଙ୍ଗିଲେ ଘର



ଖପ୍ରାଖୋଲ ବ୍ଲକ ଛଂଚାଣବାହାଲି ଗାଁର ହାତୀପଲ ଭାଙ୍ଗିଥିବା ଘର।

**ଖପ୍ରାଖୋଲ, ୩୧।୭(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଗନ୍ଧମାର୍ଦ୍ଦନ ପାହାଡ ତଳି ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଶୁକ୍ରବାର ରାତିରେ ତିନିଟି ଗାଁର ୩ଜଣଙ୍କ ଘର ଭାଙ୍ଗିଛନ୍ତି। ବ୍ରାହ୍ମଣୀ ଗାଁ ସମୀପ କ୍ଷେତରେ ଥିବା ଏକ ଘରକୁ ଭାଙ୍ଗିଥିଲେ। ପରେ ଦାନାମାଲ ଓ ତୁର୍ଲା ମଝିରେ ଥିବା ମିନିକେତନ ସିପକାଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଥିବା ଅଭିଯୋଗ ହୋଇଛି । ଜଙ୍ଗଲ କଡରେ ମୀନିକେତନ ଏବଂ ତାଙ୍କ ସ୍ତ୍ରୀ ମଦନା ଘର କରି ରହୁଥିଲେ। ରାତିରେ ସେମାନେ ଶୋଇଥିବାବେଳେ ହାତୀ ଘର ଭାଙ୍ଗି ଦେବାରୁ ଭୟରେ ଉଭୟେ ଖଟ ତଳେ ଲୁଚି ଯାଇଥିଲେ। ହାତୀପଲ ଧାନ ଚାଉଳ ଖାଇ ଚାଲିଯାଇଥିଲେ । ପରେ ନାନ୍ଦୁପଲା ପଞ୍ଚାୟତ ଛଂଚାଣବାହାଲି ଗାଁର ଲଳିତ ବରିହାଙ୍କ ଘର କାନ୍ଥ ଭାଙ୍ଗି ୨ବସ୍ତା ଧାନ ଓ ଚାଉଳ ଖାଇଥିବା ଅଭିଯୋଗ ହୋଇଛି। ଲଳିତ ଓ ତାଙ୍କ ସ୍ତ୍ରୀ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିଲେ। ଶନିବାର ବନ ବିଭାଗ କ୍ଷୟକ୍ଷତି ଆକଳନ କରିଛି। ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା କହିଛନ୍ତି ଯେ, ୩ଟି ଗାଁରେ ହାତୀପଲ ୩ଟି ଘର ଭାଙ୍ଗିଛନ୍ତି। ସେମାନେ ଦିନବେଳା ଜଙ୍ଗଲରେ ରହି ରାତିରେ ପାଖ ଗାଁକୁ ଆସି ଉପଦ୍ରବ କରୁଛନ୍ତି। ଲୋକଙ୍କୁ ହାତୀପ୍ରତି ସଜାଗ ରହିବାକୁ କୁହାଯାଉଥିବା ସେ କହିଛନ୍ତି।

## ଦୁର୍ବୃତ୍ତଙ୍କ ଗୁଳିମାଡ଼: ମହିଳା ମୃତ

**ନୂଆପଡା ଅଫିସ, ୩୧।୭**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଡୁଆଝର ଗାଁରେ ଗୁଳିକାଣ୍ଡ ଘଟିଛି। ଶନିବାର ସନ୍ଧ୍ୟାରେ ବିଭୀଷଣ ମେହେରଙ୍କ ଡାବାରେ ଥିବାବେଳେ କେହି ଦୁର୍ବୃତ୍ତ ବାସନ୍ତୀ ମେହେର (୪୭)ଙ୍କ ଉପରକୁ ଗୁଳି ଚଳାଇଥିଲେ। ସେଠାରେ ବାସନ୍ତୀ ଟଳି ପଡିବାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି କି ବାସନ୍ତୀ ତାଙ୍କ ଝିଅକୁ ଝାରସୁଗୁଡା ଜିଲାରେ ବିବାହ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ସମ୍ପର୍କ ଠିକ ରହୁ ନ ଥିଲା। ତାଙ୍କ ଜ୍ୱାଇଁ ମଝିରେ ମଝିରେ ପାଟି ତୁଣ୍ଡ ହୋଇ ତୋତେ ଗୁଳିକରି ମାରିଦେବି ବୋଲି ଧମକ ଦିଅନ୍ତି ବୋଲି ପରିବାର ସୂତ୍ରରୁ ପ୍ରକାଶ କରିଛନ୍ତି। ନ ହେଲେ କେହି ଦୁର୍ବୃତ୍ତ ପୂର୍ବ ଶତ୍ରୁତାରେ ଗୁଳିକାଣ୍ଡ କରିଥିବ ବୋଲି ସନ୍ଦେହ କରାଯାଉଛି। ପ୍ରକୃତ କାରଣ ଜଣା ପଡିନାହିଁ। ଖଡିଆଳ ଆଇଆଇସି ମୁହଁ ଖୋଲୁନାହାନ୍ତି। ତଦନ୍ତ ଚାଲିଛି । ମୃତ ଶରୀର ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛି, ରବିବାର ବ୍ୟବଚ୍ଛେଦ କରାଯିବ।

## ବ୍ୟାଙ୍କ ଅଧିକାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୩୧।୭**

ବଲାଙ୍ଗୀର ଶାନ୍ତିପଡା ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ କାର୍ଯ୍ୟରତ ଅଧିକାରୀ ପ୍ରକାଶ ମିଶ୍ର ଚାକିରୀରୁ ଅବସର ଗ୍ରହଣ କରିବା ପରେ ଶନିବାର ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀର୍ଘ ୩୫ ବର୍ଷ ଚାକିରୀ ଜୀବନରେ ସେ ବ୍ୟାଙ୍କ ଅଧିକାରୀ, କର୍ମଚାରୀ ଓ ଗ୍ରାହକଙ୍କ ସହ ସୁସମ୍ପର୍କ ରଖି ଲୋକପ୍ରିୟ ହୋଇଥିଲେ ବୋଲି ବ୍ୟାଙ୍କ ଶାଖା ପରିଚାଳକ ଶିବାନୀ ନାୟକ କହିଥିଲେ। ଷ୍ଟେଟବ୍ୟାଙ୍କ କର୍ମଚାରୀ ସଂଘ ଜୋନାଲ ସମ୍ପାଦକ ରୁପେଶ ଦଲେଇ ଓ ସହସମ୍ପାଦକ ରୋହିତ ସମ୍ବର୍ଦ୍ଧନା ସଭାରେ ମିଶ୍ରଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କ ରେଜିଓନାଲ ମ୍ୟାନେଜର ଭରତ ଭୂଷଣ ସାହୁ ମାନପତ୍ର, ଉପଢ଼ୌକନ ଦେଇ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ନାଳ ଉପରେ ପୋଲ ନିର୍ମାଣ ହେବ

**ଟିଟିଲାଗଡ଼, ୩୧।୭ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ମହୁଲପଡା ପଞ୍ଚାୟତ ଅନ୍ତର୍ଗତ କୁଟରାକେନ୍ଦ ଗାଁ। ୧୯୮୪ ମସିହାରେ ବଡମାଳ ଗୋଳାବାରୁଦ କାରଖାନା ବିସ୍ଥାପିତ ଆଦିବାସୀ ପରିବାରଙ୍କୁ ଏହି ଗାଁରେ ଥଇଥାନ କରାଯାଇଛି। ଟିଟିଲାଗଡରୁ ଗୁଲମି-ମୁରିବାହାଲ ମୁଖ୍ୟ ରାସ୍ତାଠାରୁ ପ୍ରାୟ ୪କିଲୋମିଟର ଦୂରରେ ଏହି ଗାଁ ରହିଛି। ଗାଁକୁ ଯିବାକୁ ହେଲେ ତିନୋଟି ନାଳ ପାର ହେବାକୁ ପଡେ। ବର୍ଷର ପ୍ରାୟ ୭ମାସ କାଳ ନାଳରେ ପାଣି ରହୁଥିବା ନେଇ ଲୋକେ ଯାତାୟତରେ ସମସ୍ୟା ଦେଖାଦେଉଛି। ଅନେକ ସମୟରେ ପ୍ରସୂତି ମହିଳାଙ୍କୁ ଖଟିଆରେ ବୋହି ନାଳ ପାର କରିବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ତେବେ ପ୍ରଶାସନ ନଶୁଣିବାରୁ ଚଳିତ ବର୍ଷ ଗ୍ରାମବାସୀ ମିଳିତ ଭାବେ ଏକ କାଠ ପୋଲ ନିର୍ମାଣ କରିବା ପରେ ଯାତାୟାତ କିଛିଟା ସୁଗମ ହୋଇଛି। ଏହିକ୍ରମରେ ଶନିବାର ମନ୍ତ୍ରୀ ଟୁକୁନୀ ସାହୁ ଆରଡି ବଲାଙ୍ଗୀର ସରକିଲ ମୁଖ୍ୟଯନ୍ତ୍ରୀ (ନିର୍ମାଣ) ଦେବେନ୍ଦ୍ର ସେଠ, ଟିଟିଲାଗଡ ନିର୍ବାହୀ ଯନ୍ତ୍ରୀ ସଞ୍ଜିବ ଦାଶ, କନିଷ୍ଠ ଯନ୍ତ୍ରୀ ନାରାୟଣ ସ୍ୱାଇଁ ପ୍ରମୁଖଙ୍କ ସହ କୁଟରାକେନ୍ଦ ଯାଇ ଗାଁ ଲୋକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା କାଳରେ ସ୍ଥାନୀୟ ସରପଞ୍ଚ ଇନ୍ଦ୍ରାଣୀ ପୁଞ୍ଜି, ୱାର୍ଡସଭ୍ୟା ଭୂମି ଭୋଇ, ଗ୍ରାମର ମହିଳା ଗୋଷ୍ଠୀ ସଦସ୍ୟା ନିରବତୀ ଭୋଇ, ସନ୍ଧ୍ୟା ଭୋଇ କିପରି ବର୍ଷକୁ ସାତମାସ ଜଳବନ୍ଦୀ ଭଳି ଜୀବନ ବିତାଉଛନ୍ତି ମନ୍ତ୍ରୀଙ୍କୁ କହିଲେ। ଅପରପକ୍ଷରେ କୁଟରାକେନ୍ଦ ଗାଁ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଥିବା, ୨୦୧୧ ଜନଗଣନା ଅନୁଯାୟୀ ଗାଁ ଜନସଂଖ୍ୟା କମ୍ ଥିବାରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ ହୋଇ ନ ପାରିବ ଆଦି କାରଣରୁ ପୋଲ କାମ ଆରମ୍ଭ ହୋଇପାରି ନ ଥିଲା।



ମନ୍ତ୍ରୀ ଅସ୍ଥାୟୀ କାଠ ପୋଲ ଦେଇ କୁଟରାକେନ୍ଦ ଗାଁକୁ ଯାଉଛନ୍ତି।

**ମନ୍ତ୍ରୀ ଟୁକୁନୀ ସାହୁଙ୍କ କୁଟରାକେନ୍ଦ ଗସ୍ତ**

ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ପୋଲ ଏବଂ ରାସ୍ତା ନିର୍ମାଣ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଗ୍ରାମର ଝିଅମାନଙ୍କ ସହ ପାଠପଢା ନେଇ ଆଲୋଚନା କରିଥିଲେ ମନ୍ତ୍ରୀ ସାହୁ। ଯୁବକଙ୍କ ପାଇଁ ଖୁବଶୀଘ୍ର ଏକ କ୍ଲବ ଘର ପାଇଁ ଅର୍ଥ ମଞ୍ଜୁର କରାଯିବ ବୋଲି ମନ୍ତ୍ରୀ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରାୟ ୩୭ବର୍ଷର ପ୍ରତୀକ୍ଷା ପରେ ଗାଁକୁ ରାସ୍ତା ଓ ପୋଲ ନିର୍ମାଣ ହେବାକୁ ଯାଉଥିବାରୁ କରୁଣାକର ମାଝୀ, ସୁଦା ମାଝୀ, ରୂପଧର ଭୋଇ, ଦେବ ଭୋଇ, ଟଙ୍କ ପ୍ରଧାନୀ, କୌଶିକ ଭୋଇ, ଦେବରାଜ ଜାନୀ ପ୍ରମୁଖ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ସାହୁଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ଅରୁଣ ମିଶ୍ର, ବିଜେଡି ଯୁବନେତା ଅମରଜିତ ବାଗ, ଅରୁଣ ବାଗ, ଡମ୍ବରୁଧର ବାଗ, ରୋହିତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।